ସମ୍ପାଦକୀୟ
24 YEARS
ସମ୍ବାଦ କଳିକା

ଭୟାନକ ମନୋରୋଗ

ଈର୍ଷା ମନୁଷ୍ୟ ଚରିତ୍ରର ପରାଭାବର ଷଷ୍ଟଦ୍ୱାର । ଏହା ଏଭଳି ମନୋବିକାର ଯାହାଦ୍ୱାରା ମନୁଷ୍ୟର ମୌଳିକ ବ୍ୟକ୍ତିତ୍ୱ ବହୁ ପରିମାଣରେ ଖରାପ ଭାବେ ଆଘାତପ୍ରାପ୍ତ ହୋଇଥାଏ । ଈର୍ଷା ଏକ ଭୟାନକ ମନୋରୋଗ । ଯାହାକି ଅକାରଣରେ ମନୁଷ୍ୟକୁ ଦଣ୍ଡିତ କରି ଚାଲିଥାଏ । ଏହି କାରଣ ଯୋଗୁ ମନୁଷ୍ୟର ସମଗ୍ର ବ୍ୟକ୍ତିତ୍ୱ ବିକୃତ ହୋଇଯାଇଥାଏ । ତା'ର ନିଜସ୍ୱ କ୍ରିୟାତ୍ମକ ଶକ୍ତି ନଷ୍ଟ ହୋଇଯାଏ । ଯାହାକି ତା'ର ନିଜସ୍ୱ ବ୍ୟକ୍ତିତ୍ୱ ସହିତ କିଛି ଦେଣନେଣ ନାହିଁ । ଈର୍ଷା ସବୁବେଳେ ଅନ୍ୟର କାରଣ ହୋଇଥାଏ । ଏହା ଏଇଥି ପାଇଁ କାରଣ କୌଣସି ବ୍ୟକ୍ତି ନିଜକୁ ଈର୍ଷା କରେ ନାହିଁ । ଏଥିପାଇଁ ଅନ୍ୟର ଉପସ୍ଥିତି ନିହାତି ଆବଶ୍ୟକ। ଏକୁଟିଆ ମଣିଷ କେବେହେଲେ ଈର୍ଷାର ଶିକାର ହୋଇ ନଥାଏ । କିନ୍ତୁ ଯେତେବେଳେ ତା' ସମ୍ମୁଖକୁ ଅନ୍ୟକେହି ଆସିଯାଏ ସେତେବେଳେ ତା' ମଧ୍ୟରେ ବିଦ୍ୱେଷ ଭାବ ବଢିଯାଏ । ସମାଜରେ ଘର ବା ସାହିରେ ଯେତେବେଳେ ମନୁଷ୍ୟ ରହିଥାଏ ସେତେବେଳେ ତା' ମନରେ ନା ଈର୍ଷା ଥାଏ ନା କୌଣସି ଜ୍ୱଳନ ସୃଷ୍ଟି ହୁଏ । ମଣିଷ ଏକୁଟିଆ ବର୍ଷ ବର୍ଷ ଧରି ରହିପାରେ । କେବେ ମଧ୍ୟ ସେ ଈର୍ଷାର ପାତ୍ର ହୁଏ ନାହିଁ କିନ୍ତୁ ଯେତେବେଳେ ଅନ୍ୟକେହି ତା' ପାର୍ଶ୍ୱରେ ବସିଯାଏ ସେତେବେଳେ ଈର୍ଷା ଆରମ୍ଭ ହୋଇଯାଏ । କଥା ହେଉଛି କୌଣସି ବ୍ୟକ୍ତି ଅନ୍ୟକୁ ସହ୍ୟ କରିପାରେ ନାହିଁ । ସେ ରାଜନୀତିକ କ୍ଷେତ୍ରରେ ହେଉ ବା ଧର୍ମ କ୍ଷେତ୍ରରେ ହେଉ ସମାଜ ବା ପରିବାରର କଥା ହେଉ କେଉଁଠାରେ ମଧ୍ୟ ଆମେ ଅନ୍ୟକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥାଉ । ସମସ୍ତ ଅଡୁଆ ସେତେବେଳେ ଆରମ୍ଭ ହୋଇଥାଏ ଯେତେବେଳେ କି କେହି ଅନ୍ୟ ବ୍ୟକ୍ତି ଆମ କଡରେ ଛିଡା ହୋଇଯାଏ । କେବଳ ଅନ୍ୟର ଉପସ୍ଥିତି ଯୋଗୁ ଆମେ ଈର୍ଷାର ଦଂଶନ ସହ୍ୟ କରୁ । ସାଧକ କେବେ ହେଲେ ଈର୍ଷା କରନ୍ତି ନାହିଁ । କାରଣ ସେ ସାଧନାର କ୍ଷେତ୍ରରେ ଏକୁଟିଆ ଥାନ୍ତି । ବିବାଦ ସେତେବେଳେ ବଢିଥାଏ ଯେତେବେଳେ କି ଗୋଟିଏ କାମ ଦୁଇଜଣ କରିବାକୁ ଚାହାଁନ୍ତି । ଦୁନିଆଁରେ ଯେତେ ବି କାମ ଅଛି ତାହା ପରସ୍ପର ପାଇଁ କରାଯାଇଥାଏ । କିଏ ଧନ ପାଇଁ ତ କିଏ ପଦବୀ ପାଇଁ, କିଏ ତା' ଅସ୍ତିତ୍ୱ ପାଇଁ ଦିନରାତି ପ୍ରୟାସ କରି ଚାଲିଛି । କିନ୍ତୁ ଯେତେବେଳେ ସେ ଦେଖିଥାଏ ଯେ ଏହି କାମରେ ଅନ୍ୟକେହି ଆସି ଅର୍ଥ ବା ପଦର ଦାବିଦାର ହେବାକୁ ଚାହୁଁଛି ସେତେବେଳେ ତା' ମନରେ ଈର୍ଷା ହେବାକୁ ଆରମ୍ଭ କରିଥାଏ । ଈର୍ଷାର ନା କୌଣସି ନିର୍ଦ୍ଦିଷ୍ଟ କାରଣ ରହିଛି ନା କୌଣସି ଔଚିତ୍ୟ ଅଛି । ଏହା କେବଳ ଅକାରଣରେ କରାଯାଇଥିବା ଏକ ପ୍ରୟାସ । ବେଳେବେଳେ ଆମେ ଏ ଭଳି ଲୋକଙ୍କୁ ଈର୍ଷା କରୁଛୁ ଯାହାକୁ କି ଆମେ ଚିହ୍ନି ମଧ୍ୟ ନଥାଉ । ଈର୍ଷା କରୁଥିବା ବ୍ୟକ୍ତିକୁ କେବେହେଲେ ଅଧ୍ୟବସାୟୀ ବୋଲି କୁହାଯିବ ନାହିଁ । ସେ ପରିଶ୍ରମ କରେ ନାହିଁ ସବୁ ବେଳେ ନିଆଁରେ ଜଳି ଥାଏ । ଅନ୍ୟର ଉନ୍ନତି ଓ ପ୍ରଗତି ଦେଖି ଜଳୁଥିବା ବ୍ୟକ୍ତି କେବେହେଲେ ଜୀବନରେ ଯଶସ୍ୱୀ ହୋଇପାରେ ନାହିଁ । ଈର୍ଷାଳୁ ବ୍ୟକ୍ତି ବିନା ପରିଶ୍ରମରେ ଫଳ ଖାଇବାକୁ ଚାହିଁଥାଏ ଆଉ ଏହି ଲାଳସାରେ ତା' ଜୀବନ ନଷ୍ଟ ହୋଇ ଯାଇଥାଏ । ସେଥିପାଇଁ ମନୁଷ୍ୟ ସର୍ବଦା ପରୋପକାରରେ ବ୍ରତୀ ହେବା ଆବଶ୍ୟକ । ପରୋପକାରର ଅର୍ଥ ହେଉଛି ଅନ୍ୟକୁ ଭଲପାଇବା । ପରୋପକାର ସମସ୍କନ୍ଦ କୌଣସି ଧର୍ମ ନାହିଁ । ପରୋପକାର ଏଭଳି କାର୍ଯ୍ୟ ଯେଉଁଥିରେ କି ଶତ୍ରୁ ମଧ୍ୟ ମିତ୍ର ପାଲଟି ଯାଏ । ଯଦି ଶତ୍ରୁ ପାଇଁ ବିପଦ ସମୟରେ ଉପକାର କରାଯାଏ ତାହାହେଲେ ମଧ୍ୟ ସେ ପ୍ରକୃତ ମିତ୍ର ହୋଇପାରେ । ଗୀତାରେ ଭଗବାନ କୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି-'ଶୁଭକର୍ମ କରୁଥିବା ବ୍ୟକ୍ତି ନା ଏଠାରେ, ନା ପରଲୋକରେ ସବୁଠି ନିରାଶ ହୋଇଥାଏ । ଶୁଭକର୍ମ କରୁଥିବା ବ୍ୟକ୍ତି ଦୁର୍ଗତି ପ୍ରାପ୍ତ ହୋଇ ନଥାଏ । ପ୍ରକୃତ ପରୋପକାରୀ ସେହି ବ୍ୟକ୍ତି, ଯିଏ କି ପ୍ରତିଫଳର ଭାବନା ନରଖି ପରୋପକାର କରିଥାଏ ।'

ଥରେ ଜଣେ ସାଧୁ ଆମ୍ବଗଛ ଛାଇରେ ଆରାମ କରୁଥିଲେ । ସେତିକି ବେଳେ କେତେକ ପିଲା ଆମ୍ବ ତୋଳିବାକୁ ଗଛ ଉପରକୁ ପଥର ଫିଙ୍ଗିବା ଆରମ୍ଭ କଲେ । ଇତି ମଧ୍ୟରେ ଗୋଟିଏ ପଥର ସାଧୁଙ୍କ ମୁଣ୍ଡରେ ବାଜିଲା । ରକ୍ତ ବୋହିଲା, ଏବେ ପିଲାମାନେ ଭୟଭୀତ ହୋଇ ପଡିଲେ । ସେମାନଙ୍କୁ ଶଙ୍କା ହେଲା ଯେ ସାଧୁ ଏବେ ତାଙ୍କୁ ଅଭିଶାପ ଦେବେ । ଏହି ଭୟରେ ସେମାନେ ସେହି ସ୍ଥାନ ଛାଡି ଦୌଡିଲେ । କିନ୍ତୁ ସାଧୁ ସେମାନଙ୍କୁ ନିଜ ପାଖକୁ ଡାକିଲେ ଆଉ କହିଲେ, ତୁମେମାନେ ଗଛକୁ ମାରିଲ ଆଉ ସେ ତୁମକୁ ଆମ୍ବ ଖାଇବାକୁ ଦେଲା । କିନ୍ତୁ ମୁଁ ତୁମକୁ କିଛି ମଧ୍ୟ ଦେଇପାରୁ ନାହିଁ । ସାଧୁଙ୍କ ପରୋପକାର ଭାବନା ଶୁଣି ପିଲାମାନେ ତାଙ୍କ ସମ୍ମୁଖରେ ନତମସ୍ତକ ହୋଇଗଲେ ।' ପ୍ରକୃତରେ ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅଗ୍ନି, ଜଳ, ଆକାଶ, ପୃଥିବୀ, ଗଛ-ଲତା ଆଦି ସମସ୍ତେ ମାନବ କଲ୍ୟାଣରେ ଅନବରତ ଲାଗିଛନ୍ତି । ଏଭଳି ସ୍ଥିତିରେ ପ୍ରକୃତ ମନୁଷ୍ୟର ମଧ୍ୟ କର୍ତ୍ତବ୍ୟ ଯେ ସେ ଅନ୍ୟକୁ ଈର୍ଷା ନକରି ତା' କାମରେ ଆସିବା ଉଚିତ । ସମାଜରେ ଏହିଭଳି ଅନେକ ତ୍ୟାଗୀ, ସନ୍ନ୍ୟାସୀ ଅଛନ୍ତି ସେଉଁମାନେ କି ମାନବସେବା ଓ ମାନବକଲ୍ୟାଣରେ ସେମାନଙ୍କର ସମଗ୍ର ଜୀବନ ସମର୍ପିତ କରି ଦେଇଛନ୍ତି । ସେମାନେ ତା' ବଦଳରେ କିଛି ଚାହିଁ ନାହାନ୍ତି । ବରଂ ଅପାରକଷ୍ଟ ସହ୍ୟ କରି ନିଜର ମାର୍ଗ ଛାଡି ନାହାନ୍ତି । ମହର୍ଷି ଦଧିଚୀଙ୍କ ସମ୍ପର୍କରେ ସମସ୍ତେ ଜାଣନ୍ତି ଯେ ସେ ନିଜର ଅସ୍ଥି ମଧ୍ୟ ଦାନ ଦେଇଥିଲେ । ଯାହାଫଳରେ କି ଇନ୍ଦ୍ର ସେଥିରେ ଅସ୍ତ୍ର-ଶସ୍ତ୍ର ତିଆରି କରି ରାକ୍ଷସଙ୍କ ସହ ଯୁଦ୍ଧ କରିବେ ଓ ମଣିଷକୁ ସୁଖ ଓ ଶାନ୍ତି ପ୍ରଦାନ କରିବେ । ଦେହଦାନର ସେହି ପରମ୍ପରା ଆଜି ମଧ୍ୟ ଅଛି। ବିଜ୍ଞାନ ଆଜି ଏତେ ବିକଶିତ ହୋଇଛି ଯେ, ମରିବା ପରେ ମଧ୍ୟ ଆମ ଶରୀରର ସମସ୍ତ ଅଙ୍ଗ କୌଣସି ବ୍ୟକ୍ତିର ଜୀବନକୁ ବଞ୍ଚେଇବାର କାମ କରିପାରିବ । ଦାନ କରିବା ମହାନ ଉପକାର । ଜୀବିତ ରହି ଅନ୍ୟର ସେବା କରିବା ଓ ମରିବା ପରେ ଅନ୍ୟର ପୀଡା ଦୂର କରୁଥିବା ପୁରୁଷ ପୁରୁଷ ନୁହେଁ ବରଂ ମହାପୁରୁଷ ହୋଇଥାନ୍ତି । ସନ୍ଥ କବୀର କହିଛନ୍ତି-'ଦିନେ ନା' ଏ ଧନ ରହିବ, ନା' ଏ ଯୌବନ ସାଥୀ ଦେବ । ଗାଁ ଓ ଘର ମଧ୍ୟ ଚାଲିଯିବ । କିନ୍ତୁ ରହିବ କେବଳ ଯଶ । ଏହା ସେତେବେଳେ ସମ୍ଭବ ଯେତେବେଳେ କି ଆମେ କାହାର କାମ କରିପାରିବା । କାହାକୁ ଈର୍ଷା ନୁହେଁ, ଯେତେବେଳେ ଭଗବାନ ବିଷ୍ଣୁ ପରୋପକାର ଓ ମୋକ୍ଷ ଉଭୟକୁ ତଉଲି ଦେଖିଲେ ସେତେବେଳେ ଉପକାରର ପଲା ଭାରି ପଡିଥାଏ ।' ତେବେ ଆମେ ଜୀବନରେ ଈର୍ଷା ଭାବକୁ ରଖିବା ନା ପରୋପକାର ? ଏହା ପ୍ରତ୍ୟେକ ବ୍ୟକ୍ତି ପାଇଁ ଏବେ ଚିନ୍ତା କରିବାର ସମୟ ଆସିଛି ।

ଓଡ଼ିଆ ଭାଷାର ଶାସ୍ତ୍ରୀୟ ଲକ୍ଷଣ

ଅଭିମନ୍ୟୁ ରାଉତ
ଅଧ୍ୟାପକ, ବାବା
ଭୈରବାନନ୍ଦ ସ୍ୱୟଂଶାସିତ
ମହାବିଦ୍ୟାଳୟ, ଚଣ୍ଡିଖୋଲ
ମୋ : ୯୮୫୩୨୯୧୪୯୯

ଭାଷା ହେଉଛି ଗୋଟିଏ ଜାତିର ଜୀବନ । ସାହିତ୍ୟ ତାର ପ୍ରତିଛବି । ଭାଷା ଗୋଟିଏ ଜନସମୁଦାୟର ଅଭିବ୍ୟକ୍ତିର ମାଧ୍ୟମ । ଗୋଟିଏ ଜନମାନସର ବା ଗୋଟିଏ ଜନ ସମାଜର ସୁଦୀର୍ଘକାଳୀନ ସହବସ୍ଥାନ କାରଣରୁ ପରସ୍ପରକୁ ଜାଣିବା ପାଇଁ ବୁଝିବା ପାଇଁ ଏବଂ ନିଜ ନିଜର ଭାବ ବ୍ୟକ୍ତ କରିବା ପାଇଁ-ଭାଷା ଏକ ସ୍ୱାଭାବସିଦ୍ଧ ସୃଷ୍ଟି ଓ ପରିପ୍ରକାଶ । କ୍ରମଶଃ ଏହାର ପରିମାର୍ଜନା ପରିବର୍ଦ୍ଧନ ହୋଇଥାଏ । ଭାଷାକୁ ଶୁଦ୍ଧ, ସଂସ୍କାରିତ କରିବା ପାଇଁ ସ୍ୱାଭାବିକ ପ୍ରୟାସର ଫଳସ୍ୱରୂପ ଏହାକୁ ସୂତ୍ରବଦ୍ଧ କରାଯାଇଥାଏ । ଫଳରେ ଏହାଜ୍ଞାନ ବା ବିଦ୍ୟାର ଆଧାରଭୂତ ହୋଇ ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତ ହୋଇଥାଏ ।

ଓଡ଼ିଆ ଭାଷା ହେଉଛି ଏକ ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ଅର୍ଥ କୌଣସି ଶାସ୍ତ୍ର ଆଧାରିତ ନୁହେଁ, ଏହା ଏକ ନିୟମ ଓ ଶୃଙ୍ଖଳାବଦ୍ଧ ଭାଷା, ଓଡ଼ିଆ ଭାଷାରେ ଅଛି ଶୃଙ୍ଖଳାର ଏକ ପ୍ରବାହ । ଏଣୁ ଏହାର ପ୍ରାଚୀନତା ସହିତ ଶୃଙ୍ଖଳାକୁ ସମନ୍ୱିତ କରାଯାଇପାରେ । ଏହାକୁ ଶାସ୍ତ୍ରୀୟ ଭାଷା କୁହାଯିବାର ଆଦୌ ଦ୍ୱିଧା ନାହିଁ । ଶାସ୍ତ୍ର ହେଉଛି ବିଦ୍ୟା ବା ଜ୍ଞାନର ଏକ ସୂତବଦ୍ଧ ଖସଡା । ଭାଷାର ଶୁଦ୍ଧ ସାକାର ପରିପ୍ରକାଶ ବା ଅଭିବ୍ୟକ୍ତ ପାଇଁ ଲିପି ଓ ବ୍ୟାକରଣ ସୃଷ୍ଟି । ଆଦିମ ମଣିଷ ମଧ୍ୟ ବିଭିନ୍ନ କ୍ରିୟା, ପ୍ରତିକ୍ରିୟା, ଭାବଭଙ୍ଗୀ, ସ୍ୱରଶବ୍ଦ ମାଧ୍ୟମରେ ନିଜର ବିଭିନ୍ନ ମାନସିକ, ଶାରୀରିକ ଅବସ୍ଥାର ବ୍ୟକ୍ତ କରୁଥିଲା । କ୍ରମଶଃ ଏହା ବିକଶିତ ହୋଇ ଭାଷାର ରୂପ ନେଇଛି, ଅର୍ଥାତ୍ ଶାସ୍ତ୍ରୀୟ ଆଧାର ପ୍ରାପ୍ତ ହୋଇଅଛି ।

ଶାସ୍ତ୍ରୀୟ ଭାଷା ଉଦ୍‌ଘୋଷଣା ନିମିତ୍ତ ଭାରତ ସରକାର ଯେଉଁ ଚାରିଗୋଟି ଲକ୍ଷଣ ନିର୍ଣ୍ଣୟ କରିଛନ୍ତି, ସେଗୁଡିକ ହେଉଛି ୧. ଶାସ୍ତ୍ରୀୟ ମାନ୍ୟତା ଦାବି କରୁଥିବା ଭାଷାଭାଷୀ ଜାତିର ୧୫୦୦ରୁ ୨୦୦୦ ବର୍ଷର ଲିପିବଦ୍ଧ ଇତିହାସ ଓ ସଂସ୍କୃତି ରହିଥିବ । ୨. ଶାସ୍ତ୍ରୀୟ ମାନ୍ୟତା ଦାବି କରୁଥିବା ଭାଷାର ମହତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟ ଓ ପରମ୍ପରା ଥିବ । ୩. ସେହି ଭାଷାର ସାହିତ୍ୟ ସୃଷ୍ଟି ପରମ୍ପରା ଅନ୍ୟକୌଣସି ଭାଷା ଦ୍ୱାରା ପ୍ରଭାବିତ ନହୋଇ ମୌଳିକ ସୃଷ୍ଟି ସମ୍ଭାରରେ ସମୃଦ୍ଧ ହୋଇଥିବ । ୪. ଶାସ୍ତ୍ରୀୟମାନ୍ୟତା ଦାବି କରୁଥିବା ଭାଷାର ପ୍ରାଚୀନ ଓ ଆଧୁନିକ ରୂପ ମଧ୍ୟରେ ଅବିଚ୍ଛିନ୍ନ ସମ୍ପର୍କ ନଥାଇପାରେ । ଓଡ଼ିଆ ଭାଷାର ପ୍ରାଚୀନତା, ନିରବଚ୍ଛିନ୍ନ ପ୍ରବାହ ପରମ୍ପରା, ସଂରଚନାତ୍ମକ ଧାରା, ଭାଷାତତ୍ତ୍ୱ, ଉଚ୍ଚାଙ୍ଗ ବ୍ୟାକରଣ, ମୌଳିକ ସାରସ୍ୱତ ପରମ୍ପରା ଓ ଇତିହାସ ଅନୁଧ୍ୟାନ, ଅଧ୍ୟୟନ ତଥା ଅନୁଶୀଳନ କଲେ ପ୍ରମାଣିତ ହୁଏ, ଶାସ୍ତ୍ରୀୟ ଭାଷା ଅଧିସୂଚନା ମାନ୍ୟତାର ଏହା ଗୋଟିଏ ଶାସ୍ତ୍ରୀୟ ଭାଷା ।

ଶାସ୍ତ୍ରୀୟ ବା ଉଚ୍ଚାଙ୍ଗ ଭାଷାର ପଦବାଚ୍ୟ ହେବା ପାଇଁ ଗୋଟିଏ ଭାଷା ଅତିକମ୍‌ରେ ୧, ୫୦୦ରୁ ୨୦୦୦ ବର୍ଷର ପୁରାତନ ହୋଇଥିବା ଆବଶ୍ୟକ । ଓଡ଼ିଆ ଭାଷା କିନ୍ତୁ ୨୫୦୦ ବର୍ଷରୁ ଅଧିକ ପୁରୁଣା ବୋଲି ପ୍ରମାଣିତ କରିଦିଆଯାଇଅଛି । ଅନେକ ଭାଷାତତ୍ତ୍ୱବିତ୍ ପ୍ରମାଣ କରିଛନ୍ତି ଯେ, ଭରତମୁନି ଖ୍ରୀ.ପୂ ୪ର୍ଥ ଶତାବ୍ଦୀରେ ତାଙ୍କ ରଚିତ ନାଟ୍ୟଶାସ୍ତ୍ରରେ ଓଡ଼ିଆ ଏକ ଭାଷାର ଉଲ୍ଲେଖ ରହିଅଛି । କାର୍ଯ୍ୟକ୍ରମ ଏହା କାୟାବିସ୍ତାରିତ ହୋଇ ସମ୍ରାଟ ଅଶୋକ ଏବଂ ସମ୍ରାଟ ଖାରବେଳଙ୍କ ସମୟରେ ରଚିତ ଶିଳାଲିପି ସମୂହରେ ସ୍ଥାନ ପାଇଥିଲା । ଏହା ବ୍ୟତୀତ ବୈଦିକ ଏବଂ ସଂସ୍କୃତ ସାହିତ୍ୟ ସାଙ୍ଗକୁ ବୌଦ୍ଧ, ଜୈନ ସାହିତ୍ୟରେ ମଧ୍ୟ ଓଡ଼ିଆ ବିଷୟରେ ଉଲ୍ଲେଖ ରହିଥିବାର ଏହାର ପ୍ରାଚୀନତା ବିଷୟରେ ସନ୍ଦେହ କରିବାର କୌଣସି ଅବକାଶ ନାହିଁ, ଏତଦ୍‌ବ୍ୟତୀତ ଶ୍ରୀଲଙ୍କା, ଦକ୍ଷିଣ-ପୂର୍ବ ଏସିଆର ଜାଭା (ଯବଦ୍ୱୀପ), ବାଲି, (ବଳୀଦୀପ), ବୋର୍ଣ୍ଣିଓ (ବରୁଣ ଦୀପ), ସୁମାତ୍ରା (ସ୍ୱର୍ଣ୍ଣଦୀପ) ଆଦି ଇଣ୍ଡୋନେସିଆ ଦୀପପୁଞ୍ଜ, ଶ୍ୟାମ (ଥାଇଲାଣ୍ଡ) ମାଳୟ ପେନିସୁଲାରେ ସପ୍ତମ-ଅଷ୍ଟମ ଶତାବ୍ଦୀରେ 'ଶୈଳେନ୍ଦ୍ର' ନାମ ନେଇ ଯେଉଁ ରାଜବଂଶ ପ୍ରତିଷ୍ଠା ଲାଭ କରି ଏକ ସାମ୍ରାଜ୍ୟ ବିସ୍ତାର କରିଥିଲା, ସେହି ଶୈଳେନ୍ଦ୍ର ଖୋର୍ଦ୍ଧା ଜିଲ୍ଲା ବାଣପୁର ନୀଳାଦ୍ରି ପ୍ରସାଦ ନିକଟ 'ବଙ୍କାଡଗଡ'ରେ ରାଜଧାନୀ ପ୍ରତିଷ୍ଠା କରିଥିବା କଙ୍ଗୋଦ ବା କଙ୍ଗୋଦ ରାଜ୍ୟର ଶୈଳୋଦ୍‌ଭବ ରାଜବଂଶଧର । ଦକ୍ଷିଣପୂର୍ବ ଏସିଆରେ ଶୈଳେନ୍ଦ୍ର ରାଜବଂଶକୁ 'ଶୈଳେନ୍ଦ୍ର-ବଂଶ-ତିଳକ' କୁହାଯାଇଥିଲା । କାରଣ ଏହି ରାଜବଂଶ ଦକ୍ଷିଣ-ପୂର୍ବ ଏସିଆର ଅନେକ ରାଜାଙ୍କୁ ପରାସ୍ତ କରି ସୁମାତ୍ରାରେ ନିଜର ଶ୍ରୀବିଜୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସୁତରାଂ ଏସିଆ ମହାଦେଶର ଦକ୍ଷିଣ ପୂର୍ବ ଅଂଶରେ ଥିବା ଅନେକ ଐତିହାସିକ କୀର୍ତ୍ତିରାଜି ତଥା ଶିଳାଲେଖରେ ମଧ୍ୟ ଓଡ଼ିଆ ଭାଷାର ପ୍ରାଚୀନତାର ଖୋଦେଇ ପ୍ରମାଣ ରହିଛି ।

ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ଉଲ୍ଲିଖିତ 'ଉଡ୍ରବିଭାଷା' ଅର୍ଥାତ୍ ଉଡ୍ର ବା ଓଡଭାଷା କହୁଥିବା ଲୋକଙ୍କୁ ଓଡ଼ିଆ କୁହାଯାଉଥିଲା । 'ନାଟ୍ୟଶାସ୍ତ୍ର' କାଳୀନ ଉଡ୍ର ବିଭାଷା ହିଁ ଅଧୁନା ଓଡ଼ିଆ ଭାଷା । କେବଳ ଉଡ୍ର ନୁହେଁ, କଳିଙ୍ଗ, କଙ୍ଗୋଦ, କୋଶଳ, ତୋଷଳ, ଉତ୍କଳ ଇତ୍ୟାଦି ରାଜ୍ୟମାନଙ୍କରେ ଉଡ୍ରଭାଷାର ପ୍ରଚଳନ ଥିବାରୁ ଏହି ସମସ୍ତ ରାଜ୍ୟବାସୀଙ୍କୁ ଓଡ଼ିଆ ବୋଲି କୁହାଯାଉଥିଲା । ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତାବ୍ଦୀ ବେଳକୁ, ଅର୍ଥାତ୍ ଭରତ ମୁନିଙ୍କ ସମୟକୁ ଏହି ଭାଷାଟି ହୁଏତ ଜନପଦରେ ପ୍ରଚଳିତ ଥିଲା । ଖ୍ରୀଷ୍ଟପୂର୍ବ ୫୦୦ବର୍ଷ ବେଳକୁ ବୁଦ୍ଧଦେବ ଯେଉଁ ୬୪ ପ୍ରକାର ଲିପିର କଥା ଉଲ୍ଲେଖ କରିଛନ୍ତି, ସେଥିରେ ଉଡ୍ରଲିପି କଥା ସୂଚିତ । ଅତଏବ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳ । ଯାହ କଳିଙ୍ଗନାମରେ ପରିଚିତ ଥିଲା । ତାହାର ଜାନପଦିକ ଭାଷା ଉଡ୍ରଭାଷା । କେହି କେହି ଏହାକୁ କାଳିଙ୍ଗୀ ଭାଷା କହିଥାନ୍ତି ।

ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଭାଷାକୁ ଅର୍ଦ୍ଧମାଗଧୀ ପ୍ରାକୃତି କୁହାଯାଏ । ଏହାର ଲିପି ଉଡ୍ର ଲିପି ନୁହେଁ, ବ୍ରାହ୍ମୀଲିପି ମଧ୍ୟ ନୁହେଁ, ଏହାର ଲିପି ବ୍ରାହ୍ମୀପରି ଅନ୍ୟ ଏକ ଲିପି । ଏଥିରେ ଯେଉଁ ସବୁ ଶବ୍ଦ ଅଛି, ବିଭକ୍ତି, ସର୍ବନାମ, କ୍ରିୟା ଇତ୍ୟାଦି ଅଛି ତାହାର ପରିଚୟ ଆମେ ଆଧୁନିକ ଯୁଗରେ ମଧ୍ୟ ପାଉ । ପରବର୍ତ୍ତୀ କାଳରେ ଶୈଳୋଭବ ବଂଶ, ଭୌମକର ବଂଶ, ସୋମବଂଶ ସମୟରେ ମଧ୍ୟ ଓଡ଼ିଆ ଭାଷାର ପ୍ରୟୋଗ ଦେଖିବାକୁ ମିଳେ । ୧୦୫୧ ଖ୍ରୀଷ୍ଟାବ୍ଦରେ ଖୋଦିତ ଉରଜାମ୍ ଶିଳାଲେଖରୁ ହିଁ ପ୍ରଥମ ଓଡ଼ିଆ ଲିପିର ପରିଚୟ ମିଳିଲା । ଏହା ପରଠାରୁ ଓଡ଼ିଆ ବର୍ତ୍ତୁଳ ଲିପିର ବିକାଶ ଘଟିଛି ଓ ଖୋଦିତ ହୋଇଛି ଗଙ୍ଗବଂଶ, ସୂର୍ଯ୍ୟବଂଶ ରାଜତ୍ୱକାଳରେ ନାନା ଶିଳାଲେଖ ଓ ତାମ୍ରଲେଖ । ଫଟୋଚିତ୍ର, ଲୋକ ସାହିତ୍ୟର ପରମ୍ପରା ଓ ଲୋକ ସାହିତ୍ୟ, ୩୪ଟି ବ୍ୟଞ୍ଜନ ବର୍ଣ୍ଣ ଓ ୧୬ଟି ସ୍ୱରବର୍ଣ୍ଣ ପଞ୍ଚଦଶ ଶତାବ୍ଦୀରେ ସାରଳାଦାସଙ୍କ ମହାଭାରତ ବିଲଙ୍କା ରାମାୟଣ, ଚଣ୍ଡୀ ପୁରାଣ, ଲକ୍ଷ୍ମୀପୁରାଣ, ବଚନିକା ଆଦି ନାନାଗ୍ରହ ଓ ସେହିଠାରୁ ଓଡ଼ିଆ ଭାଷାର ହୋଇଛି ସ୍ୱର୍ଦ୍ଧିତ ଜୟଯାତ୍ରା । ବର୍ତ୍ତମାନର ଓଡ଼ିଶାର ଠିକ୍ ପୂର୍ବବର୍ତ୍ତୀ ନାମ ଉତ୍କଳ ଥିଲା । ତେଣୁ ଅନେକ ବର୍ଷ ଧରି ଉଡ୍ରଭାଷାକୁ ଉତ୍କଳୀ ଭାଷା ବୋଲି କୁହାଯାଉଥିଲା । ଏହି ଭାଷାର ଉତ୍କଳୀ ନାମଠାରୁ ଉଡ୍ର ନାମଟି ଅଛି ଓ ଏହାକୁ ଉତ୍କଳୀ ବା ଉତ୍କଳିକା କୁହାଯାଉଥିଲା ବୋଲି ନାଟ୍ୟଶାସ୍ତ୍ର ପରେ ରଚିତ ବା ଅତିକମ୍‌ରେ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ରଚିତ ଶୁଭକରଙ୍କ ସଙ୍ଗୀତ ଦାମୋଦରରୁ ପ୍ରମାଣ ମିଳେ । 'ସଙ୍ଗୀତ ଦାମୋଦର'ରେ ବର୍ଣ୍ଣିତ ବିଭାଷାଗୁଡିକର ନାମ ହେଲା ଆଭୀରିକା, ଶବରୀକା, ଖଶିକା, ଶକାରୀ, ଚଣ୍ଡାଳିକା, ଉତ୍କଳିକା ଓ ଦ୍ରାବଡୀ । ଏହିସବୁ ବିଭାଷାର ନାମ 'ନାଟ୍ୟଶାସ୍ତ୍ର'ରେ ମଧ୍ୟ ଉଲ୍ଲେଖ ଅଛି ।

'ଅଭାରିକା ଶବରିକା
ଖଶିକା ଶକାରୀ
ଚଣ୍ଡାଳିକା
ତଦନୁଚୋତ୍କଳିକାଭିଧାନା ।'

ଓଡ଼ିଆ ଅଭିଲେଖ ସମୂହରୁ ଓଡ଼ିଆ ଭାଷାର କ୍ରମବିକାଶ ଧାରା ବିଶ୍ଳେଷଣ କରି ଜଣାଯାଏ ଯେ , ଖ୍ରୀ.ପୂ ତୃତୀୟ ଶତାବ୍ଦୀର ଅଭିଲେଖ ଭାଷା ହେଉଛି ଉଡ୍ର ମାଗଧୀ ବା ଓଡ଼ିଆ । ଖ୍ରୀ.ପୂ ପ୍ରଥମଶତାବ୍ଦୀର ଅଭିଲେଖ ସମୂହକୁ ଓଡ଼ିଆ ଭାଷା ବିକାଶର ନମୁନା କହିଲେ ଅତ୍ୟୁକ୍ତି ହେବନାହିଁ । ସେହି ସମୟର ଅଭିଲେଖରେ ବହୁ ଓଡ଼ିଆ ଶବ୍ଦ ଓଡ଼ିଆ ଉଚ୍ଚାରଣ ଧାରାରେ ସଂସ୍କୃତି ଶୈଳୀର ଖୋଦିତ । ସେହି ସମୟକୁ ଓଡ଼ିଆ ଭାଷା ସାହିତ୍ୟ ସୃଷ୍ଟି କରିବାକୁ ସାମର୍ଥ୍ୟ ଲାଭ କଲାଣି । ଓଡ଼ିଆ ଭାଷାର 'ଚର୍ଯ୍ୟାଗୀତ' ନେପାଳ ରାଜପ୍ରାସାଦସ୍ଥ ପୁସ୍ତକାଳୟରୁ ମିଳିଥିବା ଚର୍ଯ୍ୟାଗୀତ ଗୁଡିକ ଓଡ଼ିଆ ଭାଷାର ମହତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟ, ଯାହା ଓଡ଼ିଆ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା ଷଷ୍ଠ-ସପ୍ତମ ଶତାବ୍ଦୀରୁ ନବମ, ଦଶମ ଶତାବ୍ଦୀ ମଧ୍ୟରେ ରଚିତ । ଏଥିରେ ଓଡ଼ିଶାର ଲୋକଜୀବନ୍ତ ଲୌକିକ ଧର୍ମ ଓ ସଂସ୍କୃତିର ପରିଚୟ ନିହିତ ଥିବାରୁ ଏଗୁଡିକ ଓଡ଼ିଆ ଭାଷାର ମହତ୍ତ୍ୱପୂର୍ଣ୍ଣ ସାହିତ୍ୟ । ଏହାର ଶବ୍ଦାବଳୀ, ବିଭକ୍ତି, ପ୍ରତ୍ୟୟ, ସର୍ବନାମ, କ୍ରିୟାବିଧି ଓ ବାକ୍ୟଗଠନରୀଙ୍କ ପ୍ରଭୃତିର ଭାଷାତାତ୍ତ୍ୱିକ ଅଧ୍ୟୟନ କଲେ, ହୃଦବୋଧ ହୁଏ ଓଡ଼ିଆ ଭାଷା ସେହି ସମୟକୁ ସମୃଦ୍ଧ ଭାଷାରେ ପରିଣତ ହେଲାଣି । ଏସବୁ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟ ହୋଇଥିବାରୁ ତ୍ରୟୋଦଶ ଶତାବ୍ଦୀରେ ମୁନିଦତ୍ତଙ୍କ ଦ୍ୱାରା ସଂସ୍କୃତିର ଅନୁଦିତି ହୋଇଥିଲା । ଚର୍ଯ୍ୟାଗୀତିଗୁଡିକ ସିଦ୍ଧାଚାର୍ଯ୍ୟଙ୍କ ଦ୍ୱାରା 'ସନ୍ଧାଭାଷା' ବା ଦ୍ୱୈତାର୍ଥକ ଭାଷାରେ ରଚିତ। ପୂର୍ବରୁ ସାହିତ୍ୟ ସୃଷ୍ଟିର ଭିତ୍ତି ବା ପରମ୍ପରା ନଥିଲେ ହଠାତ୍ ଏତାଦୃଶ ସାହିତ୍ୟ ସୃଷ୍ଟି ହୋଇ ପାରିନଥାନ୍ତା ।

ଅଳଙ୍କାର, ଶ୍ଳେଷାତ୍ମକ ଶବ୍ଦ ପ୍ରୟୋଗ ଓ ବର୍ଣ୍ଣନାବିଳାସ ଚର୍ଯ୍ୟାଗୀତି ସମୂହକୁ ଉଚ୍ଚକୋଟୀର ସାହିତ୍ୟ ରୂପେ ପ୍ରତିପାଦନ କରିପାରିଛି । ଆଧାତ୍ମିକ ତତ୍ତ୍ୱ ବର୍ଣ୍ଣନା ହୋଇଥିବାରୁ ଏଗୁଡିକ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟ, ସନ୍ଧାଭାଷା ପ୍ରତୀକ, ରୂପକ, ପ୍ରୟୋଗ, ଦ୍ୱିପଦୀ ଓ ଚଉପଦୀର ଦୋହା, ଛନ୍ଦ ଓ ରାଗରାଗିଣୀ ପ୍ରଭୃତିର ବର୍ଣ୍ଣନା ବର୍ଣ୍ଣନା ତଥା ସାମାଜିକ ଚିତ୍ରରୁ ଏଗୁଡିକର ସାହିତ୍ୟିକ ମୂଲ୍ୟ ଆକଳନ କରାଯାଇଛି ।

ଚର୍ଯ୍ୟାଗୀତି ପରେ ଓଡ଼ିଆ ଭାଷାରେ ବହୁ ଯଥା ସାହିତ୍ୟ ଓ ଶୈବସାହିତ୍ୟ ରଚନା ହୋଇଥିଲା । ଏହିସବୁ ଓଡ଼ିଆ ଭାଷାର ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟ ରଚନାର ଦ୍ୱିତୀୟ ସ୍ତର । ସେହି ସାହିତ୍ୟଗୁଡିକ ହେଉଛି ଶିଶୁଦେବ, ଗୋରେଖ ଗୀତା, ସପ୍ତାଙ୍ଗ ଯୋଗ ଷଡଚକ୍ର ସାଧନା, ସୋମନାଥ ବ୍ରତକଥା, କରଡିଆ ବିନାୟକ ବ୍ରତକଥା, କଳଶା ଚଉତିଶା ପ୍ରଭୃତି । ଓଡ଼ିଆ ଭାଷାର ଏହି ଉଚ୍ଚାଙ୍ଗ ସାହିତ୍ୟ ସମୂହ ଦଶମ ଶତାବ୍ଦୀଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ରଚିତ । ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ସିଦ୍ଧ ସାଧକ ଓ କବିଗଣ ସାହିତ୍ୟ ରଚନାକରି ଭିତ୍ତିଭୂମିକୁ ସୁଦୃଢ କରିସାରିଥିଲେ ।

ପଞ୍ଚଦଶ ଶତାବ୍ଦୀରେ ମାଟିର ମହାକବି ସାରଳା ଦାସ କବି ସୁଲଭ ବିନୟତାରେ ନିଜକୁ ଶୁଦ୍ର, ମୂର୍ଖ, ଅପଣ୍ଡିତ ବିବେଚନାରେ ଦେବୀ ସାରଳାଙ୍କ କୃପାରୁ ଓଡ଼ିଆ ଭାଷାରେ ମହାଭାରତ ରଚନା ପୂର୍ବକ ନିଜ ମାତୃଭାଷାକୁ ଗୌରବମଣ୍ଡିତ କରିପାରିଥିଲେ । ଓଡ଼ିଆ ଭାଷାର ଏକ ସଜୀବ ମହକାବ୍ୟ ଭାବରେ ଏହି ପରମଗ୍ରନ୍ଥ ବିଶେଷ ଭାବରେ ପାଠକୀୟ ଆଦୃତି ଲାଭ କରିଥିଲା । କାହାଣୀ, ସୂକ୍ତି, ପ୍ରବାଦ, ପ୍ରବଚନ, ନୀତି, ବାଣୀ, ଧର୍ମୋପ୍ରଦେଶ, ଜ୍ଞାନ, ବିଜ୍ଞାନ, କଳା, କୌଶଳ, ସମରଶୈଳୀ, ଜ୍ୟୋତିଷ, ରାଜନୀତି, ଅର୍ଥନୀତି, ଶାସନନୀତି, ଚତୁର୍ଦ୍ଦଶବିଦ୍ୟା ଓ ତନ୍ତ୍ରମନ୍ତ୍ର ପ୍ରଭୃତି ମହତବିଭବରେ ପରିପୂର୍ଣ୍ଣ । ଏହି ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥକୁ ବୃହତ୍ ଜ୍ଞାନକୋଷ କୁହାଯାଏ । ଓଡ଼ିଆ ଜାତି, ଜାତୀୟତା, ଭାଷା, ସଂସ୍କୃତି ଓ ସାହିତ୍ୟର ମନୋଜ୍ଞ ଅନୁଶୀଳନ ଏହି ମହନୀୟ କୃତୀଟିକୁ ଓଡ଼ିଆ ଜାତୀୟ ଜୀବନର ବେଦ ସ୍ୱରୂପରେ ପ୍ରତିପାଦ କରିଛି । ମହାଭାରତ ବ୍ୟତୀତ ବିଲଙ୍କା ରାମାୟଣ, ଚଣ୍ଡୀପୁରାଣ ଓ ଲକ୍ଷ୍ମୀ ନାରାୟଣ ବଚନିକା ପ୍ରଭୃତି ସାରଳା ଦାସଙ୍କର ଅନନ୍ୟ ମହନୀୟ କୃତୀ ।

ମାଟିର ମହାକବି ସାରଳା ଦାସଙ୍କର ଅନନ୍ୟ ମହନୀୟ କୃତୀ ।

ମାଟିର ମହାକବି ସାରଳାଦାସଙ୍କ ପରେ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟ ରଚନାର ବ୍ରତୀ ହୋଇଥିଲେ ପଞ୍ଚସଖାଗଣ । ମତ୍ତ ବଳରାମ ଦାସ ଥିଲେ ଜ୍ୟେଷ୍ଠ । ତାଙ୍କର କୃତୀ ମଧ୍ୟରେ ଜଗମୋହନ ରାମାୟଣ ଭାବ ସମୁଦ୍ର, ବଟ ଅବକାଶ, ଲକ୍ଷ୍ମୀପୁରାଣ, ବେଦାନ୍ତ ସାର ଗୁପ୍ତଗୀତା, ମୃଗୁଣୀ ସ୍ତୁତି, କାନ୍ତ କୋଇଲି, ବାରମାସୀ କୋଇଲି, କମଳ ଲୋଚନ ଚଉତିଶା, ଗଡନିସ୍ତାରଣ ଗୀତା, ଜ୍ଞାନ ଚୂଡାମଣି ଓ ବଉଳା ଅଧ୍ୟାୟ ପ୍ରଭୃତିମୁଖ୍ୟ । ଉତ୍ତରଭାରତର ଆଞ୍ଚଳିକ ଭାଷା ମଧ୍ୟରେ ପ୍ରଥମେ ଓଡ଼ିଆରେ ବଳରାମ ଦାସ ରାମାୟଣ ରଚନା କରିଥିଲେ । ଏହା ସତ୍ତ୍ୱେ ରାମୟଣର ଅନୁବାଦ ନୁହେଁ, ତାଙ୍କର ମୌଳିକ କୃତୀ, ଜଗନ୍ନାଥ ଦାସଙ୍କ ରଚିତ ଭାଗବତ ଓଡ଼ିଆ ଜାତିର ବେଦ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜଗନ୍ନାଥ ଦାସ ଭାଗବତ ରଚନା କଲାପରେ ଏହାକୁ ପାଠ କରିବା ନିମିତ୍ତ ଓଡ଼ିଶାରେ ଚାଟଶାଳୀ ଶିକ୍ଷା ପ୍ରବର୍ତ୍ତକ ହୋଇଥିଲା । ପ୍ରତ୍ୟେକ ଚାଟଶାଳୀରେ ଭାଷା ଶିକ୍ଷା କରିବାକୁ ଜଣେ ଜଣେ ଅବଧାନ ନିଯୁକ୍ତି ହେଉଥିଲେ । ଓଡ଼ିଶାରେ ମାଟିବଂଶ ନାମକ ଗୋଟିଏ ସଂପ୍ରଦାୟ ପରମ୍ପରାକ୍ରମେ ଅବଧାନ କାର୍ଯ୍ୟ ସମ୍ପନ୍ନ କଲେ । ଯାହା ସମଗ୍ର ବିଶ୍ୱରେ ଅନ୍ୟ କୌଣସି ଭୂଖଣ୍ଡରେ ପରିଦୃଷ୍ଟ ହୁଏ ନାହିଁ । ଅଚ୍ୟୁତାନନ୍ଦ ସାଙ୍କ ହରିବଂଶ, ଶୂନ୍ୟ ସଂହିତା, କଳିଯୁଗ ମାଳିକା, ଆଗତ ଭବିଷ୍ୟମାଳିକା, ଅଷ୍ଟଗୁର୍ଜରୀ, ଗୋପାଳଙ୍କ ଓଗାଳ, ଲଉଡିଖେଳ, ପଦ୍ମବନରାସ, ଏକାକ୍ଷର ସଂହିତା, ପଟଳ ସଂହିତା, ଗୁରୁଭକ୍ତି ଗୀତା, ଅଳଙ୍କାର ବୋଲି, ଅମର କୁମର ଆଦି ଅସଂଖ୍ୟ କୃତୀ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଛି । ଶାସ୍ତ୍ରୀୟ ଭାଷା ସ୍ଥିତିଶୀଳ ନୁହେଁ, ଏହା ଗତିଶୀଳ । ଏକ ସ୍ୱଚ୍ଛ ନାରା ନଦୀ ନିରବଚ୍ଛିନ୍ନ ପ୍ରବାହ ଯୋଗୁ ସକ୍ରୀୟ ଜଳଧାରାକୁ ସ୍ୱଚ୍ଛ ରଖେ ଏବଂ ତାହାର ଧାରା ଯେପରି ଅଖଣ୍ଡ ତଥା ଗତିପଥ ବିଭିନ୍ନ, ଭାଷା ସେହିପରି ବିଭିନ୍ନ ସ୍ଥାନରେ ଓ କାଳରେ ନିଜର ରୂପ । ଭାଷାର ପରିବର୍ତ୍ତନ ମନ୍ଥର କରି ପାରନ୍ତି ନାହିଁ । ସେମାନଙ୍କ ଅଜ୍ଞତାରେ ଭାଷାର ପରିବର୍ତ୍ତନ ହୋଇଥାଏ । ଅବଶ୍ୟ କେତେକ କ୍ଷେତ୍ରରେ ସେମାନଙ୍କ ଜ୍ଞାତସାରରେ ଭାଷାର ପରିବର୍ତ୍ତନ ଘଟିଥାଏ । ଓଡ଼ିଆ ଭାଷାରେ ସେହି କଥା ହିଁ ଘଟିଛି ଓଡ଼ିଆ ଭାଷା ପରିବର୍ତ୍ତନ ଦ୍ୱାରା କ୍ରମବର୍ଦ୍ଧିଷ୍ଣୁ ଓ କ୍ରମସମୃଦ୍ଧ ହୋଇ ବିକଶିତ ହୋଇଛି । ଏକ ନଦୀ ସଦୃଶ ଓଡ଼ିଆ ଭାଷାର ଦୁଇ ହଜାରରୁ ଅଧିକ କାଳର ପ୍ରବାହ ରହିଛି ଏବଂ ଏହି ଭାଷା ତାର ଗତିପଥରେ ବହୁ ପରିବର୍ତ୍ତନର ସମ୍ମୁଖୀନ ହୋଇଛି । ଏହି ପରିବର୍ତ୍ତନ ଦ୍ୱାରା ଓଡ଼ିଆ ଭାଷାର ପ୍ରାଚୀନ ଓ ଆଧୁନିକ ରୂପ ମଧ୍ୟରେ ଅବିଚ୍ଛିନ୍ନ ସମ୍ପର୍କ ରହିପାରି ନାହିଁ । ଏହା ପ୍ରତ୍ୟେକ ଉତ୍କୃଷ୍ଟ ବା ଶାସ୍ତ୍ରୀୟ ଭାଷାର ଲକ୍ଷଣ । (କ୍ରମଶଃ)

ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଭାଷାକୁ ଅର୍ଦ୍ଧମାଗଧୀ ପ୍ରାକୃତି କୁହାଯାଏ । ଏହାର ଲିପି ଉଡ୍ର ଲିପି ନୁହେଁ, ବ୍ରାହ୍ମୀଲିପି ମଧ୍ୟ ନୁହେଁ, ଏହାର ଲିପି ବ୍ରାହ୍ମୀପରି ଅନ୍ୟ ଏକ ଲିପି । ଏଥିରେ ଯେଉଁ ସବୁ ଶବ୍ଦ ଅଛି, ବିଭକ୍ତି, ସର୍ବନାମ, କ୍ରିୟା ଇତ୍ୟାଦି ଅଛି ତାହାର ପରିଚୟ ଆମେ ଆଧୁନିକ ଯୁଗରେ ମଧ୍ୟ ପାଉ । ପରବର୍ତ୍ତୀ କାଳରେ ଶୈଳୋଭବ ବଂଶ, ଭୌମକର ବଂଶ, ସୋମବଂଶ ସମୟରେ ମଧ୍ୟ ଓଡ଼ିଆ ଭାଷାର ପ୍ରୟୋଗ ଦେଖିବାକୁ ମିଳେ । ୧୦୫୧ ଖ୍ରୀଷ୍ଟାବ୍ଦରେ ଖୋଦିତ ଉରଜାମ୍ ଶିଳାଲେଖରୁ ହିଁ ପ୍ରଥମ ଓଡ଼ିଆ ଲିପିର ପରିଚୟ ମିଳିଲା । ଏହା ପରଠାରୁ ଓଡ଼ିଆ ବର୍ତ୍ତୁଳ ଲିପିର ବିକାଶ ଘଟିଛି ଓ ଖୋଦିତ ହୋଇଛି । ଗଙ୍ଗବଂଶ, ସୂର୍ଯ୍ୟବଂଶ ରାଜତ୍ୱକାଳରେ ନାନା ଶିଳାଲେଖ ଓ ତାମ୍ରଲେଖ । ଫଟୋଚିତ୍ର, ଲୋକ ସାହିତ୍ୟର ପରମ୍ପରା ଓ ଲୋକ ସାହିତ୍ୟ, ୩୪ଟି ବ୍ୟଞ୍ଜନ ବର୍ଣ୍ଣ ଓ ୧୬ଟି ସ୍ୱରବର୍ଣ୍ଣ ପଞ୍ଚଦଶ ଶତାବ୍ଦୀରେ ସାରଳାଦାସଙ୍କ ମହାଭାରତ ବିଲିଙ୍କା ରାମାୟଣ, ଚଣ୍ଡୀ ପୁରାଣ, ଲକ୍ଷ୍ମୀପୁରାଣ, ବଚନିକା ଆଦି ନାନାଗ୍ରହ ଓ ସେହିଠାରୁ ଓଡ଼ିଆ ଭାଷାର ହୋଇଛି ସ୍ୱର୍ଦ୍ଧିତ ଜୟଯାତ୍ରା । ବର୍ତ୍ତମାନର ଓଡ଼ିଶାର ଠିକ୍ ପୂର୍ବବର୍ତ୍ତୀ ନାମ ଉତ୍କଳ ଥିଲା । ତେଣୁ ଅନେକ ବର୍ଷ ଧରି ଉଡ୍ରଭାଷାକୁ ଉତ୍କଳୀ ଭାଷା ବୋଲି କୁହାଯାଉଥିଲା । ଏହି ଭାଷାର ଉତ୍କଳୀ ନାମଠାରୁ ଉଡ୍ର ନାମଟି ଅଛି ଓ ଏହାକୁ ଉତ୍କଳୀ ବା ଉତ୍କଳିକା କୁହାଯାଉଥିଲା ବୋଲି ନାଟ୍ୟଶାସ୍ତ୍ର ପରେ ରଚିତ ବା ଅତିକମ୍‌ରେ ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ରଚିତ ଶୁଭକରଙ୍କ ସଙ୍ଗୀତ ଦାମୋଦରରୁ ପ୍ରମାଣ ମିଳେ ।

ପ୍ରଥମ ବାୟୁଜାନ ନିର୍ମାତା-ବାପୁଜୀ ତଳପଡେ

ପଣ୍ଡିତ ତ୍ରିଲୋଚନ ମିଶ୍ର
ପ୍ରକୃତିବନ୍ଧୁ ଭବନ,
କାକଟପୁର, ପୁରୀ
ମୋ : ୯୯୩୮୭୦୪୯୦୯

ବାୟୁଜାନ ନିର୍ମାଣ ଓ ବ୍ୟବହାର ଭାରତୀୟଙ୍କ ପାଇଁ ନୂଆ ନୁହେଁ । ଆମ ଶାସ୍ତ୍ର ପୁରାଣରେ ବହୁଧା ଏହା ବର୍ଣ୍ଣିତ । ମାତ୍ର ଜଣେ ଭାରତୀୟଙ୍କ ଦ୍ୱାରା ବିଶ୍ୱର ପ୍ରଥମ ବାୟୁଜାନ ନିର୍ମିତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବଗୌରବର ବିଷୟ । ୧୮୯୫ ମସିହା ପବିତ୍ର ବିଜୟା ଦଶମୀ ଦିନ ଭାରତୀୟ ବାୟୁଜାନ ନିର୍ମାତା ବାପୁଜୀ ତଳପଡେ ଆମ ପୁରାଣ ବର୍ଣ୍ଣିତ ପୁଷ୍ପକଜାନର ପ୍ରତିରୂପ 'ମରୁତ ଶଖା' ନିର୍ମାଣ କରି ତାର ଉଡାଣଶୈଳୀ ଦେଖାଇ ସମସ୍ତଙ୍କୁ ଚକିତ କରାଇଦେଲେ । ତାଙ୍କର ଏହି ସଫଳତା ପାଇବାର ୮ବର୍ଷ ପରେ ଅର୍ଥାତ୍ ୧୯୦୩ ମସିହା ଡିସେମ୍ବର ୭ ତାରିଖ ଦିନ ପାଶ୍ଚାତ୍ୟ ବାୟୁଜାନ ନିର୍ମାତା ରାଇଟବ୍ରଦର୍ସଙ୍କ ପ୍ରସ୍ତୁତ ବାୟୁଜାନ ଉଡାଣକୁ ବିଶ୍ୱର ପ୍ରଥମ ବାୟୁଜାନ ମାନ୍ୟତା ମିଳିବା କଥାକୁ କୌଣସି ଭାରତୀୟ ସହଜରେ ଗ୍ରହଣ କରିପାରିନାହାନ୍ତି । ସେ ସମୟରେ ଭାରତ ଶାସନ ଦାୟିତ୍ୱ ଇଂରେଜମାନଙ୍କ ହାତରେ ଥିବାରୁ ଭାରତର ଜଣେ ସାଧାରଣ ଶିଳ୍ପିକୁ ଏଭଳି ବିଶ୍ୱମାନ୍ୟତା ମିଳିବା ସପକ୍ଷରେ ସେମାନେ ନଥିଲେ । ଏପରିକି ଭାରତ ଶିକ୍ଷା ପଦ୍ଧତିକୁ ଧ୍ୱଂସ କରିବାର ଚକ୍ରାନ୍ତ ସେମାନେ କରିଚାଲିଥିଲେ । ବାପୁଜୀ ତଳପଡେଙ୍କୁ ବିଶ୍ୱଶ୍ରେୟ ନମିଳିବାର ଏହାଥିଲା ମୂଳକାରଣ ।

ଯଶସ୍ୱୀ ସାଧକ ବାପୁଜୀ ତଳପଡେଙ୍କ ଜନ୍ମ ମହାରାଷ୍ଟ୍ର ରାଜ୍ୟସ୍ଥ ଶିବନର ଜନପଦରେ । ସେ ଭଲ ଭାବେ ଭାରତୀୟ ବୈଦିକ ଶାସ୍ତ୍ର ଅଧ୍ୟୟନ କରି ସେଥିରେ ଥିବା ଶିଳ୍ପକଳା ଜ୍ଞାନକୁ ଆୟତ କରିନେଇଥିଲେ । ତାଙ୍କର ଗୁରୁ ଶ୍ରୀରାମ ସ୍ୱରୂପଙ୍କ ଠାରୁ ସେ ବୈଦିକ ଗଣିତ ସହ ବୈଦିକ ଶିଳ୍ପକଳା ଶିକ୍ଷା ପାଇଥିଲେ । ଏ ଶିକ୍ଷା ଅବଲମ୍ବନରେ ନିଜସ୍ୱ ବୁଦ୍ଧିଖଟାଇ ସେ ଗଢିଥିଲେ ବିଶ୍ୱର ପ୍ରଥମ ବାୟୁଜାନ ମରୁତଶଖା । ୧୮୯୫ ମସିହା ପବିତ୍ର ଦଶହରା ପର୍ବ ପାଳନ ଅବସରରେ ବହୁମାନ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ସେ ମରୁତ ଶଖା ବାୟୁଜାନକର ଉଡାଣ ପ୍ରଦର୍ଶନ କଲେ । ମାତ୍ର୨ ମିନିଟ୍ ମଧ୍ୟରେ ଏହି ବାୟୁଜାନ ୧୨୦୦ ଫୁଟ୍ ଉଚ୍ଚକୁ ଉଠି ଉଡାଣ ଆରମ୍ଭ କଲା । ଏହା ସ୍ୱଳ୍ପ ସମୟ ଉଡାଣ ପରେ ଯାନ୍ତ୍ରିକ ତ୍ରୁଟି ହେତୁ ତଳକୁ ଖସି ଆସିଲା । ମହାରାଜା ସାୟାଜୀ ରାଓ ଗାୟକୱାଡ ଏ ଉଡାଣରେ ପ୍ରଭାବିତ ହୋଇ ଶିଳ୍ପିଙ୍କ ଜ୍ଞାନକୁ ସାଧୁବାଦ ଦେଲେ । ମାତ୍ର ଏହି ସଫଳତାରରେ ସବୁଠାରୁ ଦୁଃଖିଥିଲେ ଭାରତ ଶାସନ ଦାୟିତ୍ୱରେ ଥିବା ଫିରିଙ୍ଗ ମାନେ । ସେମାନେ ଚକ୍ରାନ୍ତ କରି ବାପୁଜୀ ତଳପଡେଙ୍କ ଗବେଷଣାକୁ ଚାପିଦେଲେ । ସେ ନିରୁପ୍ରାୟ ହୋଇ ବ୍ୟୟବହୁଳ ଗବେଷଣାଠାରୁ ଦୂରେଇ ଯିବା ସହ ସ୍ୱନିର୍ମିତ ବାୟୁଜାନ ମରୁତ ଶଖାକୁ ନିଜଘରେ ସ୍ମାରକୀ ସ୍ୱରୂପ ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ସାଇତି ରଖଥିଲେ ।

୧୯୧୬ ମସିହାରେ ଯଶସ୍ୱୀ ଭାରତୀୟ ପ୍ରଥମ ବାୟୁଜାନର ନିର୍ମାଣ ବାପୁଜୀ ତଳପଡେଙ୍କ ଜୀବନର ଅନ୍ତ ଘଟିଲା । ବାଙ୍ଗାଲୁରଠାରେ ଅବସ୍ଥାପିତ ଭାରତୀୟ ବାୟୁଜାନ ନିର୍ମାଣ କେନ୍ଦ୍ର ଏହି ଐତିହାସିକ ବାୟୁଜାନ ମରୁତ ଶଖାକୁ ନିଜ ବାୟୁଜାନ ସଂଗ୍ରାହହାଳୟରେ ସ୍ଥାନ ଦେଲେ । ହିନ୍ଦୁସ୍ଥାନ ଏରୋନେଟିକ୍ ଲିମିଟେଡ ଦ୍ୱାରା ଆୟୋଜିତ ବିଶ୍ୱ ବାୟୁଜାନ ପ୍ରଦର୍ଶନରେ ମରୁତ ଶଖା ପ୍ରଚଳିତ ହେବା ଫଳରେ ବିଶ୍ୱ ଜାଣିପାରିଲା ଯେ ଜଣେ ଭାରତୀୟ ସର୍ବପ୍ରଥମେ ବାୟୁଜାନ ତିଆରି କରି ଉଡାଇ ଦେଖାଇ ଦେଇଥିଲେ ।

ଯଶସ୍ୱୀ ସାଧକ ବାପୁଜୀ ତଳପଡେଙ୍କ ଜନ୍ମ ମହାରାଷ୍ଟ୍ର ରାଜ୍ୟସ୍ଥ ଶିବନର ଜନପଦରେ । ସେ ଭଲ ଭାବେ ଭାରତୀୟ ବୈଦିକ ଶାସ୍ତ୍ର ଅଧ୍ୟୟନ କରି ସେଥିରେ ଥିବା ଶିଳ୍ପକଳା ଜ୍ଞାନକୁ ଆୟତ କରିନେଇଥିଲେ । ତାଙ୍କର ଗୁରୁ ଶ୍ରୀରାମ ସ୍ୱରୂପଙ୍କ ଠାରୁ ସେ ବୈଦିକ ଗଣିତ ସହ ବୈଦିକ ଶିଳ୍ପକଳା ଶିକ୍ଷା ପାଇଥିଲେ । ଏ ଶିକ୍ଷା ଅବଲମ୍ବନରେ ନିଜସ୍ୱ ବୁଦ୍ଧିଖଟାଇ ସେ ଗଢିଥିଲେ ବିଶ୍ୱର ପ୍ରଥମ ବାୟୁଜାନ ମରୁତଶଖା । ୧୮୯୫ ମସିହା ପବିତ୍ର ଦଶହରା ପର୍ବ ପାଳନ ଅବସରରେ ବହୁମାନ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ସେ ମରୁତ ଶଖା ବାୟୁଜାନକର ଉଡାଣ ପ୍ରଦର୍ଶନ କଲେ । ମାତ୍ର୨ ମିନିଟ୍ ମଧ୍ୟରେ ଏହି ବାୟୁଜାନ ୧୨୦୦ ଫୁଟ୍ ଉଚ୍ଚକୁ ଉଠି ଉଡାଣ ଆରମ୍ଭ କଲା । ଏହା ସ୍ୱଳ୍ପ ସମୟ ଉଡାଣ ପରେ ଯାନ୍ତ୍ରିକ ତ୍ରୁଟି ହେତୁ ତଳକୁ ଖସି ଆସିଲା । ମହାରାଜା ସାୟାଜୀ ରାଓ ଗାୟକୱାଡ ଏ ଉଡାଣରେ ପ୍ରଭାବିତ ହୋଇ ଶିଳ୍ପିଙ୍କ ଜ୍ଞାନକୁ ସାଧୁବାଦ ଦେଲେ । ମାତ୍ର ଏହି ସଫଳତାରରେ ସବୁଠାରୁ ଦୁଃଖିଥିଲେ ଭାରତ ଶାସନ ଦାୟିତ୍ୱରେ ଥିବା ଫିରିଙ୍ଗ ମାନେ । ସେମାନେ ଚକ୍ରାନ୍ତ କରି ବାପୁଜୀ ତଳପଡେଙ୍କ ଗବେଷଣାକୁ ଚାପିଦେଲେ ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com/sambadkalikaa@yahoo.com City Office : Plot No.354, Saheed Nagar
ସମ୍ପାଦକ : **ଜୟାଶୀଷ ରାୟ**